ଓଡ଼ିଶା ସରକାର

ସମବାୟ ବିଭାଗ

ଅଧିସୂଚନା

ଭୁବନେଶ୍ୱର, ତା 4.6.14

ସଂଖ୍ୟା- Agm-N-03/14 4240 /ସମବାୟ,

ଓଡ଼ିଶା କୃଷିଜାତ ଦ୍ରବ୍ୟ ବଜାର ଅଧିନିୟମ, 1956 (1957 ର ଓଡ଼ିଶା ଅଧିନିୟମ 3) ର ଧାରା 4 ର ଉପଧାରା (7) ତଥା ଧାରା 3 ର ଉପଧାରା (1) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ, ରାଜ୍ୟ ସରକାର ଏତଦ୍ୱାରା, ଓଡ଼ିଶା ସରାକରଙ୍କ ବିଲୁପ୍ତ ସମବାୟ ଓ ଜଙ୍ଗଲ ବିଭାଗର ଅଧିସୂଚନା ସଂ ୨୬୪୨, ତା ୧୩.୦୧.୧୯୬୫ ଏବଂ ସଂ.୧୮୯୨, ତା ୧୦.୦୩.୧୯୭୧ ଅନୁଯାୟୀ ବଲାଙ୍ଗିର ଜିଲାର ବଲାଙ୍ଗିର ନିୟନ୍ତ୍ରିତ ବଜାର କମିଟିର ଯେଉଁ ବଜାର ଅଞ୍ଚଳ ସେରୂପେ ଘୋଷିତ ହୋଇଛି, ସେହି ବଜାର ଅଞ୍ଚଳ ମଧ୍ୟରୁ ନିମ୍ନସ୍ଥ ଅନୁସୂଚୀ 'କ'ରେ ବିନିର୍ଦ୍ଦିଷ୍ଟ ଅଞ୍ଚଳ ଗୁଡିକୁ ବାଦ୍‌ଦେବା ପାଇଁ ଏବଂ ଅନୁସୂଚୀ 'ଖ'ରେ ବିନିର୍ଦ୍ଦିଷ୍ଟ ଅଞ୍ଚଳ ଗୁଡିକୁ ଓଡିଶା ସରକାରଙ୍କ ପୂର୍ବତନ କୃଷି ଓ ସମବାୟ ବିଭାଗର ଅଧିସୂଚନା ସଂ. ୬ ସି-ଆଇ ଏନ୍-୨/୭୬, ୨୦୧୩ ଏସି(ସି), ତା ୩୦.୦୧.୧୯୭୬ ଅନୁଯାୟୀ ଡୁଙ୍ଗୁରୀପାଲି ନିୟନ୍ତ୍ରଣ ବଜାର କମିଟିର ଘୋଷିତ ବଜାର ଅଞ୍ଚଳରେ ଅନ୍ତର୍ଭୁକ୍ତ କରିବାପାଇଁ ତାଙ୍କର ଅଭିପ୍ରାୟ ଘୋଷଣା କରୁଅଛନ୍ତି ।

ଏହି ଅଧିସୂଚନାଟି ଓଡ଼ିଶା ଗେଜେଟ୍‌ରେ ପ୍ରକାଶିତହେବା ତାରିଖଠାରୁ ଏକ ମାସ ମଧ୍ୟରେ ଯଦି ଉକ୍ତ ଅଭିପ୍ରାୟ ସଂକ୍ରାନ୍ତରେ ରାଜ୍ୟ ସରକାର କୌଣସି ଆପତ୍ତି ବା ପ୍ରସ୍ତାବ ପାଆନ୍ତି, ତେବେ ତାହାର ସୁବିଚାର କରିବେ ।

| ଅନୁସୂଚୀ 'କ' | ଅନୁସୂଚୀ 'ଖ' |
|---|---|
| ତରଭା ଥାନା ଓ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦଭୁକ୍ତ ଅଞ୍ଚଳ | ତରଭା ବ୍ଲକ, ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦଭୁକ୍ତ ଅଞ୍ଚଳ ତଥା ସୋନପୁର ବ୍ଲକ ଓ ସୋନପୁର ପୌରପାଳିକାଭୁକ୍ତ ଅଞ୍ଚଳ । |

ରାଜ୍ୟପାଳଙ୍କ ଆଦେଶକ୍ରମେ

(ସ୍ୱାକ୍ଷର)

ଉପଶାସନ ସଚିବ

ଜ୍ଞାପକ ସଂଖ୍ୟା 4241 /ସମବାୟ, ତା 4.6.14

ଏହାର ଏକକିତା ନକଲ ଉପନିର୍ଦ୍ଦେଶକ, ଓଡ଼ିଶା ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ, ଓଡ଼ିଶା, ଭୁବନେଶ୍ୱର ନିକଟକୁ ପଠାଗଲା । ତାହାଙ୍କୁ ଅନୁରୋଧ, ସେ ଓଡିଶା ଗେଜେଟ୍‌ର ଅସାଧାରଣ ସଂସ୍କରଣରେ ଏହି ଅଧିସୂଚନାକୁ ପ୍ରକାଶ କରିବେ ଓ ତାହାର 10(ଦଶ) କିତା ନକଲ ଏହି ବିଭାଗକୁ ପଠାଇବେ ।

ଏହି ଅଧିସୂଚନାଟି ବୈଧାନିକ ଅଟେ ।

(ସ୍ୱାକ୍ଷର)

ଉପ ଶାସନ ସଚିବ

ଜ୍ଞାପକ ସଂଖ୍ୟା 4242 /ସମବାୟ, ତା 4.6.14

ଏହାର ନକଲ, ନିର୍ଦ୍ଦେଶକ, କୃଷିବିପଣନ, ଓଡ଼ିଶା ଭୁବନେଶ୍ୱର / ମହାପରିଚାଳକ ଓଡ଼ିଶା କୃଷିବିପଣନ ପରିଷଦ / ସଂପାଦକ ନିୟନ୍ତ୍ରୀତ ବଜାର କମିଟି ବଲାଙ୍ଗୀର ଏବଂ ଡୁଙ୍ଗୁରିପାଲି / ସମବାୟ ବିଭାଗର ବିଧିପ୍ରକୋଷ୍ଠ ଏବଂ କମ୍ପ୍ୟୁଟର ପ୍ରକୋଷ୍ଠଙ୍କ ଅବଗତ ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଗଲା / 5ଟି ଅଧିକା ନକଲ ।

କମ୍ପ୍ୟୁଟର ପ୍ରକୋଷ୍ଠ ଏହି ଅଧିସୂଚନାକୁ ସମବାୟ ବିଭାଗ ୱେବ୍‌ସାଇଟ୍‌ରେ ପ୍ରଦର୍ଶନ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ ।

(ସ୍ୱାକ୍ଷର)

ଉପ ଶାସନ ସଚିବ